ଗୁରୁଯୋଗିନ୍ଦର୍ ସିଂହ

ବନାମ

ଶ୍ରୀମତୀ ଜସୱନ୍ତ କୌର୍ ଏବଂ ଅନ୍ୟମାନେ

ଫେବୃଆରୀ 9,1994

[ଏସ୍. ମୋହନ ଏବଂ ଏମ୍. କେ. ମୁଖାର୍ଜୀ, ନ୍ୟାୟମୂର୍ତ୍ତି ଦ୍ୱୟ]

ଭଡ଼ା ଏବଂ ଉଚ୍ଛେଦ/ଦେୱାନୀ ପ୍ରକ୍ରିୟା ସଂହିତା, 1908: ଧାରା 144,0.9 ନିୟମ 13 - — ଆବେଦନକାରୀ-ଭଡ଼ାଟିଆଙ୍କ ଉଚ୍ଛେଦ ପାଇଁ ଏକ ତରଫା ଆଦେଶ - ଦଖଲ ପୁନରୁଦ୍ଧାର ପାଇଁ ଦରଖାସ୍ତକୁ ମଞ୍ଜୁରୀ - ଦଖଲ ନିର୍ଦ୍ଦେଶନାମା ଜାରି - ଜମି ମାଲିକ ଏବଂ ହସ୍ତାନ୍ତର ଗ୍ରହୀତାଙ୍କ ମଧ୍ୟରେ ହୋଇଥିବା ଚୁକ୍ତିନାମା ଅନୁଯାୟୀ ହସ୍ତାନ୍ତର ଗ୍ରହୀତାଙ୍କ ଦ୍ୱାରା ସେ ପ୍ରକୃତ ଦଖଲ ହସ୍ତାନ୍ତର ଗ୍ରହୀତା ବୋଲି ଦାବି କରି ଆପତ୍ତି ଦାଖଲ କରାଗଲା - ଉଚ୍ଚ ନ୍ୟାୟାଳୟ, ଆପତ୍ତିକାରୀଙ୍କୁ ଏକ ନିଲାମୀ ବିକ୍ରୟରେ ଜଣେ ପ୍ରକୃତ କ୍ରେତାଙ୍କ ସହ ତାଙ୍କର ସ୍ଥିତିକୁ ସମାନ କରି ଜଣେ ପ୍ରକୃତ ହସ୍ତାନ୍ତର ଗ୍ରହୀତା ଭାବରେ ଧରି ନେଲେ - ରାୟ ଦିଆଗଲା ଯେ ଏକ ନିଲମୀ ବିକ୍ରୟରେ ପ୍ରକୃତ କ୍ରେତା, ଏକ ଡିକ୍ରି ର ନିଷ୍ପାଦନ ସମ୍ବନ୍ଧରେ ଯେଉଁଥିରେ ସେ ଜଣେ ପକ୍ଷ ନୁହନ୍ତି ସେହି କ୍ଷେତ୍ରରେ ଅନ୍ୟ ଜଣେ ଡିକ୍ରିଧାରୀ ଜମି ମାଲିକଙ୍କ ଦ୍ୱାରା ଭଡ଼ାଟିଆ ଭାବେ ଅନ୍ତର୍ଭୁକ୍ତ କରାଯାଇଥିବା ଅନ୍ୟ ଜଣେ ବ୍ୟକ୍ତିଠାରୁ ଭିନ୍ନ ସ୍ତରରେ ଅଛନ୍ତି - ଡିକ୍ରିଧାରୀ ଦେଣାଦାରଙ୍କୁ ଡିକ୍ରିର ବିଷୟବସ୍ତୁକୁ ଫେରାଇବାକୁ ବାଧ୍ୟ ଯାହା ପରବର୍ତ୍ତୀ ସମୟରେ ତୃତୀୟ ବ୍ୟକ୍ତିଙ୍କ ପାଖକୁ ହସ୍ତାନ୍ତର କରାଯାଇଥିଲା ।

**ଆବେଦନକାରୀ-ଭଡ଼ାଟିଆଙ୍କ ବିରୁଦ୍ଧରେ ପାରିତ ଏକ ତରଫା ଆଦେଶର ନିଷ୍ପାଦନରେ ଉତ୍ତରଦାତା ସଂଖ୍ୟା 1 ମକଦ୍ଦମା ରେ ଥିବା ପରିସରର ଦଖଲ ହାସଲ କରିଥିଲେ । ଦେୱାନୀ ପ୍ରକ୍ରିୟା ସଂହିତା 1908 ର ଆଦେଶ 9 ନିୟମ 13 ଅନୁଯାୟୀ ଆବେଦନକାରୀ ଏକ ତରଫା ଆଦେଶକୁ ବିଫଳ ପୂର୍ବକ ଆପତ୍ତି କରିଥିଲେ ।ଆବେଦନରେ, ଭଡ଼ା ନିୟନ୍ତ୍ରଣ ନ୍ୟାୟାଧିକରଣ ଏକ ତରଫା ଆଦେଶ ବାତିଲ କରି ଉଚ୍ଛେଦ ପାଇଁ ହୋଇଥିବା ଆବେଦନକୁ ଦୋହରାଇ ଥିଲେ ।ଏହା ପରେ, ଆବେଦନକାରୀ ତାଙ୍କ ଦଖଲକୁ ପୁନରୁଦ୍ଧାର କରିବା ପାଇଁ ଦେୱାନୀ ପ୍ରକ୍ରିୟା ସଂହିତା 1908 ର ଧାରା 144 ଅନୁଯାୟୀ ଏକ ଆବେଦନ ଦାଖଲ କରିଥିଲେ ଯାହାକୁ ଭଡ଼ା ନିୟନ୍ତ୍ରକଙ୍କ ଦ୍ୱାରା ମଞ୍ଜୁରୀ କରାଯାଇଥିଲା ଏବଂ ଦଖଲ ନିମିତ୍ତ ଏକ ନିର୍ଦ୍ଦେଶନାମା ଜାରି କରାଯାଇଥିଲା । ଏହି ସମୟରେ ଉତ୍ତରଦାତା ସଂଖ୍ୟା 2 ତାଙ୍କର ଏବଂ ଉତ୍ତରଦାତା ସଂଖ୍ୟା 1ଙ୍କ ମଧ୍ୟରେ ହୋଇଥିବା ଏକ**

ଚୁକ୍ତିନାମା ଅନୁଯାୟୀ ନିଜକୁ ମକଦ୍ଦମା ପରିସର ପ୍ରକୃତ ଦଖଲ ହସ୍ତାନ୍ତର ଗ୍ରହୀତା ଦାବି କରି ଏକ ଆପତ୍ତି ଦାଖଲ କଲେ । ଏହା ଅଭିଯୋଗ ହୋଇଥିଲା ଯେ ଆବେଦନକାରୀଙ୍କ ବିରୋଧରେ ପୂର୍ବରୁ ଆରମ୍ଭ ହୋଇଥିବା ଉଚ୍ଛେଦ ପ୍ରକ୍ରିୟା ବିଷୟରେ ସେ ଜାଣି ନଥିଲେ । ଏହି ଆପତ୍ତିକୁ ଅଗ୍ରାହ୍ୟ ହୋଇଥିଲା । ଉତ୍ତରଦାତା ସଂଖ୍ୟା **2**ଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନକୁ ନ୍ୟାୟାଧିକରଣ ଖାରଜ କରିଦେଲେ । ତେଣୁ ସେ ଦ୍ୱିତୀୟ ଆବେଦନ ଦାଖଲ କରିଥିଲେ ଯାହାକୁ ଉଚ୍ଚ ନ୍ୟାୟାଳୟ ଏହା ଧରି ନେଇ ମଞ୍ଜୁର କରିଥିଲେ ଯେ , ଉତ୍ତରଦାତା ସଂଖ୍ୟା **2** ଜଣେ ପ୍ରକୃତ ହସ୍ତାନ୍ତର ଗ୍ରହୀତା ଥିଲେ । ତେଣୁ ମୂଳ ଭଡ଼ାଟିଆଙ୍କ ଦ୍ୱାରା ବର୍ତ୍ତମାନର ଏହି ଆବେଦନ ।

ଆବେଦନକୁ ଅନୁମତି ଦେଇ ଏବଂ ଉଚ୍ଚ ନ୍ୟାୟାଳୟଙ୍କର ଆଦେଶକୁ ଖାରଜ କରି, ଏହି ନ୍ୟାୟାଳୟ ରାୟ ଦେଲେ ଯେ :

ରାୟ ଦେଲେ ଯେ : **1.1.**ଏକ ନିଲମୀ ବିକ୍ରୟରେ ପ୍ରକୃତ କ୍ରେତା, ଏକ ଡିକ୍ରି ର ନିଷ୍ପାଦନ ସମ୍ବନ୍ଧରେ ଯେଉଁଥିରେ ସେ ଜଣେ ପକ୍ଷ ନୁହନ୍ତି ସେହି କ୍ଷେତ୍ରରେ ଅନ୍ୟ ଜଣେ ଡିକ୍ରିଧାରୀ ଜମି ମାଲିକଙ୍କ ଦ୍ୱାରା ଭଡ଼ାଟିଆ ଭାବେ ଅନ୍ତର୍ଭୁକ୍ତ କରାଯାଇଥିବା ଅନ୍ୟ ଜଣେ ବ୍ୟକ୍ତିଠାରୁ ଭିନ୍ନ ସ୍ତରରେ ଅଛନ୍ତି । ଜଣେ ଅପରିଚିତ ନିଲାମୀ କ୍ରେତା, ଡିକ୍ରିଧାରୀ କିମ୍ବା ଦେଣାଦାରଙ୍କଠାରୁ ତାଙ୍କ ଅଧିକାର ଗ୍ରହଣ କରନ୍ତି ନାହିଁ ଏବଂ ତେଣୁ ତାଙ୍କ ବିରୋଧରେ କ୍ଷତିପୂରଣ ମଞ୍ଜୁର କରାଯାଇପାରିବ ନାହିଁ, କିନ୍ତୁ ଜଣେ ଭଡ଼ାଟିଆ ଯିଏ ଡିକ୍ରିଧାରୀ -ଜମି ମାଲିକଙ୍କଠାରୁ ଦଖଲ ହାସଲ କରନ୍ତି, ସେହି ସମାନ ଅଧିକାରର ଲାଭ ଉଠାଇପାରିବେ ନାହିଁ ଯେହେତୁ ଜଣେ ଭଡ଼ାଟିଆ ଭାବରେ ତାଙ୍କ ଦଖଲ ଜମି ମାଲିକଙ୍କଠାରୁ ପ୍ରାପ୍ତ ହୋଇଛି ।

**1.2.** ବର୍ତ୍ତମାନର ମାମଲାରେ, ଡିକ୍ରିଧାରୀ ଯିଏକି ଉତ୍ତରଦାତା ସଂଖ୍ୟା **2** ଙ୍କୁ ନିଜ ଦଖଲରେ ରଖିଛନ୍ତି ଏବଂ ତେଣୁ, ଯେତେବେଳେ ଡିକ୍ରିଟିକୁ ରଦ୍ଦ କରିଦିଆ ଯାଇଛି , ସେତେବେଳେ ସେ ଡିକ୍ରି ଅଧୀନରେ ଯାହା ହାସଲ କରିଥିଲେ ଏବଂ ପରବର୍ତ୍ତୀ ସମୟରେ ଉତ୍ତରଦାତା ସଂଖ୍ୟା **2** ଙ୍କୁ ହସ୍ତାନ୍ତର କରିଥିଲେ, ତାହାକୁ ଦେଣାଦାରଙ୍କୁ ଫେରାଇ ଦେବାକୁ ବାଧ୍ୟ ହୋଇଥାନ୍ତି ।

**1.3.** ଏକ ନିଲାମୀ ବିକ୍ରୟରେ ଜଣେ ପ୍ରକୃତ କ୍ରେତାଙ୍କ ସ୍ଥିତି ସହିତ ଉତ୍ତରଦାତାଙ୍କ ସ୍ଥିତିକୁ ସମାନ କରିବାରେ ଏବଂ ମକଦ୍ଦମାରେ ଥିବା ପରିସରକୁ ଦଖଲ କରିବାରେ ଜଣେ ପ୍ରକୃତ ହସ୍ତାନ୍ତର ଗ୍ରହୀତା ଭାବେ ଉତ୍ତରଦାତା ସଂଖ୍ୟା **2** ଙ୍କ ସ୍ୱାଧୀନ ଅଧିକାର ଥିଲା ବୋଲି ଏବଂ ଦେୱାନୀ ପ୍ରକ୍ରିୟା

**ସଂହିତାର ଧାରା 144 ଅନୁଯାୟୀ, ଆବେଦନକାରୀଙ୍କ ସପକ୍ଷରେ ଦଖଲକୁ ଫେରାଇ ଦେବା ନିମିତ ଆଦେଶ ସତ୍ତ୍ୱେ ତାଙ୍କୁ ଅଂଶରୁ କିମ୍ବା ଆଇନ ଅନୁଯାୟୀ ଉଚ୍ଛେଦ କରାଯାଇ ପାରିଲା ନାହିଁ ବୋଲି ଧରି ନେବାରେ ଉଚ୍ଚ ନ୍ୟାୟାଳୟ ଭୁଲ ଥିଲେ ।**

*ବିନାୟକ ସ୍ୱାଇଁ ବନାମ ରମେଶ ଚନ୍ଦ୍ର ପାଣିଗ୍ରାହୀ ଏବଂ ଅନ୍ୟଜଣେ,* **A.I.R. (1966) S.C. 948** ଏବଂ *ଜୈନ-ଉଲ-ଅବଦିନ୍ ଖାନ୍ ବନାମ ମହମ୍ମଦ୍ ଅସଗର୍* **ଅଲ୍ଲୀ ଖାନ୍ , (1888)I.L.R. All. 166 P.C, ମାମଲାଗୁଡ଼ିକୁ ସୂଚିତ କରାଗଲା ।**

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 3307/1983 ।

ଦ୍ୱିତୀୟ ଆବେଦନ ସଂଖ୍ୟା 417/1978 ରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କର 25.1.1980 ତାରିଖର ରାୟ ଏବଂ ଆଦେଶରୁ ବର୍ତ୍ତମାନର ଏହି ଆବେଦନ ।

ଆବେଦନକାରୀଙ୍କ ତରଫରୁ ଯୋଗେଶ କାପୁର ଏବଂ ଏ. ଡି. ସିକ୍ରି ।ଉତ୍ତରଦାତାମାନଙ୍କ ତରଫରୁ ଭି. ସି. ମହାଜନ୍ ଏବଂ ରିଷି କେଶ ।ନ୍ୟାୟମୂର୍ତ୍ତି ଏମ୍. କେ. ମୁଖାର୍ଜୀଙ୍କ ଦ୍ୱାରା ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା ।

ଫେବୃଆରୀ, 1971ମାସରେ ଶ୍ରୀମତୀ. ଯଶୱନ୍ତ କୌର ଯିଏକି ଏଠାରେ ଉତ୍ତରଦାତା ସଂଖ୍ୟା 1 ଅଟନ୍ତି , ତାଙ୍କ ଭଡ଼ାଟିଆ, ଯିଏକି ଏଠାରେ ଆବେଦନକାରୀ ଅଟନ୍ତି ତାଙ୍କୁ ଉଚ୍ଛେଦ କରିବା ପାଇଁ ଭଡ଼ା ନିୟନ୍ତ୍ରକଙ୍କ ସମ୍ମୁଖରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲେ ଏବଂ ସେଥିରେ ପାରିତ ହୋଇଥିବା ଏକ ତରଫା ଆଦେଶର ନିଷ୍ପାଦନ ସମ୍ବନ୍ଧରେ ଅକ୍ଟୋବର, 1971 ରେ ମକଦ୍ଦମା ରେ ଥିବା ପରିସରରା ଦଖଲ ହାସଲ କରିଥିଲେ । ଏହାର ତୁରନ୍ତ ପରେ ଆବେଦନକାରୀ , ଦେୱାନୀ ପ୍ରକ୍ରିୟା ସଂହିତାର ଆଦେଶ 9 ର ନିୟମ 13 ଅନୁଯାୟୀ ଏକ ଆବେଦନ ଦାଖଲ କଲେ ଯାହାକୁ ଭଡ଼ା ନିୟନ୍ତ୍ରକଙ୍କ ଦ୍ୱାରା ଖାରଜ କରିଦିଆଗଲା । କିନ୍ତୁ, ଆବେଦନରେ ଭଡ଼ା ନିୟନ୍ତ୍ରଣ ନ୍ୟାୟାଧିକରଣଙ୍କ ଦ୍ୱାରା ଏକ ତରଫା ଉଚ୍ଛେଦ ଆଦେଶକୁ ରଦ୍ଦ କରିଦିଆଗଲା ଏବଂ ଉତ୍ତରଦାତା ସଂଖ୍ୟା 1ଙ୍କ ଦ୍ୱାରା ଦାଖଲ ହୋଇଥିବା ଉଚ୍ଛେଦ କାର୍ଯ୍ୟାନୁଷ୍ଠାନକୁ ଦୋହରାଗଲା । ଏପରି ଦୋହରାଯିବା ପରେ ଆବେଦନକାରୀ ତାଙ୍କ ଦଖଲକୁ ପୁନରୁଦ୍ଧାର କରିବା ପାଇଁ ଭଡ଼ା ନିୟନ୍ତ୍ରକଙ୍କ ସମ୍ମୁଖରେ ଦେୱାନୀ ପ୍ରକ୍ରିୟା ସଂହିତାର ଧାରା 144 ଅନୁଯାୟୀ ଏକ ଆବେଦନ ଦାଖଲ କରିଥିଲେ ଯାହାକୁ ମେ 13,1977 ରେ ଏକ ଆଦେଶ ଦ୍ୱାରା ଅନୁମତି ଦିଆଯାଇଥିଲା ଏବଂ ଦଖଲ ପାଇଁ ନିର୍ଦ୍ଦେଶନାମା ଜାରି କରାଗଲା । ତେବେ, ଏହା ଅନୁଯାୟୀ ଦଖଲ ନେବା ପୂର୍ବରୁ, ଉତ୍ତରଦାତା

ସଂଖ୍ୟା 2, ଭଡ଼ା ନିୟନ୍ତ୍ରକଙ୍କ ସମ୍ମୁଖରେ ଏକ ଆପତ୍ତି ଦାଖଲ କରି ଯୁକ୍ତି ଦର୍ଶାଇଥିଲେ ଯେ ଉତ୍ତରଦାତା ସଂଖ୍ୟା 1 ଙ୍କ ସହ ହୋଇଥିବା ଏକ ଚୁକ୍ତି ଅନୁଯାୟୀ, ତାଙ୍କ ଅଧୀନରେ ଏକ ଭଡ଼ାଟିଆ ଭାବରେ , ସେ ମେ 1,1973 ରେ ମକଦ୍ଦମାରେ ଥିବା ପରିସରକୁ ଦଖଲ କରିଥିଲେ । ସେ ଆହୁରି ଯୁକ୍ତି କରିଥିଲେ ଯେ ସେ ଜଣେ ପ୍ରକୃତ ହସ୍ତାନ୍ତର ଗ୍ରହୀତା ଏବଂ ପୂର୍ବତନ ଭଡ଼ାଟିଆଙ୍କ ବିରୋଧରେ ଆରମ୍ଭ ହୋଇଥିବା ଉଚ୍ଛେଦ ପ୍ରକ୍ରିୟା ବିଷୟରେ ସେ ଜାଣି ନଥିଲେ । ଫଳସ୍ୱରୂପ ସେ ଯୁକ୍ତି କରିଥିଲେ, ଦଖଲ ନିର୍ଦ୍ଦେଶ ଅନୁଯାୟୀ ତାଙ୍କୁ ବେଦଖଲ କରାଯାଇପାରିବ ନାହିଁ । ଭଡ଼ା ନିୟନ୍ତ୍ରକ ଏପରି ଉଠାଯାଇଥିବା ଆପତ୍ତିକୁ ଅଗ୍ରାହ୍ୟ କଲେ ଏବଂ ଭଡ଼ା ନିୟନ୍ତ୍ରକଙ୍କ ଆଦେଶ ବିରୁଦ୍ଧରେ ଉତ୍ତରଦାତା ସଂଖ୍ୟା 2 ଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନକୁ ଭଡ଼ା ନିୟନ୍ତ୍ରଣ ନ୍ୟାୟାଧିକରଣଙ୍କ ଦ୍ୱାରା ଖାରଜ କରିଦିଆଗଲା । ଏହା ପରେ ସେ ଦ୍ୱିତୀୟ ଆବେଦନ ମାଧ୍ୟମରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ଙ୍କ ଦ୍ୱାରସ୍ଥ ହୋଇଥିଲେ ଯାହାକୁ ଏହି ଆଧାରରେ ଅନୁମତି ଦିଆଯାଇଥିଲା ଯେ ଜଣେ ପ୍ରକୃତ ହସ୍ତାନ୍ତର ଗ୍ରହୀତା ଭାବରେ ଉତ୍ତରଦାତା ସଂଖ୍ୟା 2 ଙ୍କର ମକଦ୍ଦମାରେ ଥିବା ପରିସରକୁ ଦଖଲ କରିବାର ସ୍ୱାଧୀନ ଅଧିକାର ଥିଲା ଏବଂ ଦେୱାନୀ ପ୍ରକ୍ରିୟା ସଂହିତା ର ଧାରା 144 ଅନୁଯାୟୀ ତାଙ୍କ ଅଧିକାରରେ ଅଂଶରୁ କିମ୍ବା ଆଇନ ଅନୁଯାୟୀ ବାଧା ଦିଆଯାଇପାରିବ ନାହିଁ।

ତେଣୁ, ମୂଳ ଭଡ଼ାଟିଆଙ୍କ ଦ୍ୱାରା ଏହି ଆବେଦନ।

2. ଆବେଦନକାରୀଙ୍କ ସପକ୍ଷରେ ପାରିତ ହୋଇଥିବା ଦଖଲ ଫେରସ୍ତ ଆଦେଶ ସତ୍ତ୍ୱେ, ଜଣେ ପ୍ରକୃତ ହସ୍ତାନ୍ତର ଗ୍ରହୀତା ଭାବେ ଉତ୍ତରଦାତା ସଂଖ୍ୟା 2ଙ୍କୁ ମକଦ୍ଦମାରେ ଥିବା ପରିସରରୁ ଉଚ୍ଛେଦ କରାଯିବ ନାହିଁ ବୋଲି ଉଚ୍ଚ ନ୍ୟାୟାଳୟ ଏହାର ସିଦ୍ଧାନ୍ତରେ ପହଞ୍ଚିବା ନିମିତ୍ତ ଉତ୍ତରଦାତା ସଂଖ୍ୟା 2ଙ୍କ ସ୍ଥିତିକୁ ନିଲାମୀ ବିକ୍ରୟରେ ଜଣେ ପ୍ରକୃତ କ୍ରେତାଙ୍କ ସହିତ ସମାନ ଭାବେ ତୁଳନା କଲେ । ତା 'ପରେ, ବିନାୟକ ସ୍ୱାଇଁ ବନାମ ରମେଶ ଚନ୍ଦ୍ର ପାଣିଗ୍ରାହୀ ଏବଂ ଅନ୍ୟଜଣେ A.I.R. (1966) S.C. 948,ମାମଲାରେ ଏହି ନ୍ୟାୟାଳୟଙ୍କର ରାୟରୁ ପ୍ରେରଣା ନେଇ, ଉଚ୍ଚ ନ୍ୟାୟାଳୟ ରାୟ ଦେଲେ ଯେ ଜଣେ ପ୍ରକୃତ କ୍ରେତା କିମ୍ବା ହସ୍ତାନ୍ତର ଗ୍ରହୀତାଙ୍କ ଅଧିକାର ମକଦ୍ଦମାର ପକ୍ଷମାନଙ୍କ ଠାରୁ ଭିନ୍ନ ଅଟେ କାରଣ ସେହି କ୍ଷେତ୍ରରେ କ୍ରେତାଙ୍କର ଏକ ସ୍ୱାଧୀନ ଅଧିକାର ଥିଲା ।

3. ଆମେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରକାଶିତ ମତରେ ଏକମତ ହେବାରେ ଅସମର୍ଥ,କାରଣ ଆମର ବିଚାର ଅନୁଯାୟୀ, ଏକ ନିଲାମୀ ବିକ୍ରୟରେ ଜଣେ ପ୍ରକୃତ କ୍ରେତାଙ୍କ ସ୍ଥିତି ଏକ ଡିକ୍ରିକୁ ନିଷ୍ପାଦନ କରିବା ସମ୍ବନ୍ଧରେ , ଯେଉଁଥିରେ ସେ ଏକ ପକ୍ଷ ନୁହନ୍ତି , ସେହି କ୍ଷେତ୍ରରେ

ଜଣେ ଡିକ୍ରିଧାରୀ ଜମିଦାରଙ୍କ ଦ୍ୱାରା ଅନ୍ତର୍ଭୁକ୍ତ କରାଯାଇଥିବା ଜଣେ ଭଡ଼ାଟିଆଙ୍କ ତୁଳନାରେ ସେ ଏକ ସ୍ୱତନ୍ତ୍ର ଏବଂ ଭିନ୍ନ ସ୍ତରରେ ଅଛନ୍ତି । ଜଣେ ଅପରିଚିତ ନିଲାମୀ କ୍ରେତା ତାଙ୍କ ପ୍ରଜାସତ୍ତ୍ୱକୁ ଡିକ୍ରିଧାରୀ କିମ୍ବା ଦେଣାଦାରଙ୍କ ଠାରୁ ଗ୍ରହଣ କରନ୍ତି ନାହିଁ ଏବଂ ତେଣୁ ତାଙ୍କ ବିରୋଧରେ କ୍ଷତିପୂରଣ ମଞ୍ଜୁର କରାଯାଇପାରିବ ନାହିଁ କିନ୍ତୁ ଡିକ୍ରିଧାରୀ ଜମି ମାଲିକଙ୍କଠାରୁ ଦଖଲ ହାସଲ କରୁଥିବା ଜଣେ ଭଡ଼ାଟିଆ ସେହି ସମାନ ଅଧିକାରର ଲାଭ ଉଠାଇପାରିବେ ନାହିଁ ଯେହେତୁ ଜଣେ ଭଡ଼ାଟିଆ ଭାବରେ ତାଙ୍କ ଦଖଲ, ଜମି ମାଲିକଙ୍କଠାରୁ ପ୍ରାପ୍ତ ହୋଇଛି । ଏପରିକି ଉଚ୍ଚ ନ୍ୟାୟାଳୟ ନିର୍ଭର କରିଥିବା ବିନାୟକ ସ୍ୱାଇଁ (ଉପରୋକ୍ତ) ମାମଲାରେ,ଏହି ନ୍ୟାୟାଳୟ 'ଜୈନ-ଉଲ୍ -ଅବଦିନ୍ ଖାନ୍ ବନାମ ମହମ୍ମଦ୍ ଅସଗର ଅଲ୍ଲୀ ଖାନ୍' (1888) I.L.R. All. 166 (P.C.). ମାମଲାରେ କରାଯାଇଥିବା ନିମ୍ନୋକ୍ତ ପର୍ଯ୍ୟବେକ୍ଷଣକୁ ଅନୁମୋଦନ ସହିତ ଉଦ୍ଧୃତ କରି ନିଲାମୀ ବିକ୍ରୟରେ ଜଣେ ଡିକ୍ରିଧାରୀ ଏବଂ ଜଣେ ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା କରାଯାଇଥିବା କ୍ରୟ ମଧ୍ୟରେ ପାର୍ଥକ୍ୟ ଦର୍ଶାଇଛନ୍ତି :

> " ବିଦ୍ୱାନ ନ୍ୟାୟମୂର୍ତ୍ତିମାନଙ୍କୁ ଏହା ପ୍ରତୀୟମାନ ହୁଏ ଯେ ନିଜ ଡିକ୍ରି ଅନୁସାରେ ଆସିଥିବା ଏବଂ କ୍ରୟ କରିଥିବା ଡିକ୍ରିଧାରୀମାନେ ଯାହାକୁ ପରେ ଆବେଦନରେ ବଦଳାଯାଇଥିଲା, ଏବଂ ଯେଉଁ ପ୍ରକୃତ କ୍ରେତାମାନେ ଆସି ଥିଲେ ଏବଂ ସେମାନେ ପକ୍ଷ ନଥିବା ଡିକ୍ରି ସମ୍ବନ୍ଧରେ କ୍ରୟ କରିଥିଲେ ଏବଂ ଏକ ସମୟ ଯେତେବେଳେ ଏକ ଡିକ୍ରି , ଏକ ବୈଧ ଡିକ୍ରି ଥିଲା ଏବଂ ଯେତେବେଳେ କ୍ରୟ କରିବା ନିମିତ୍ତ ଆଦେଶ ବୈଧ ଆଦେଶ ଥିଲା , ଏ ସବୁ ମଧ୍ୟରେ ଏକ ବଡ଼ ପାର୍ଥକ୍ୟ ରହିଛି ।

4. ଆମ ବିଚାରରେ ଉପରୋକ୍ତ ନୀତି ବର୍ତ୍ତମାନର ଥିବା ମାମଲାରେ ଲାଗୁ ହେବ କାରଣ ଏହା ହେଉଛନ୍ତି ଡିକ୍ରିଧାରୀ ଯିଏ କି ଉତ୍ତରଦାତା ସଂଖ୍ୟା 2 ଙ୍କୁ ଦଖଲରେ ରଖିଛନ୍ତି ଏବଂ ତେଣୁ, ଯେତେବେଳେ ଡିକ୍ରିକୁ ରଦ୍ଦ କରି ଦିଆ ଯାଇଛି, ସେ ଡିକ୍ରି ଅଧୀନରେ ଯାହା ହାସଲ କରିଥିଲେ ଏବଂ ପରବର୍ତ୍ତୀ ସମୟରେ ଉତ୍ତରଦାତା ସଂଖ୍ୟା 2 ଙ୍କୁ ହସ୍ତାନ୍ତର କରି ଥିଲେ, ତାହା ସେ ଦେଣାଦାରଙ୍କୁ ଫେରାଇ ଦେବାକୁ ବାଧ୍ୟ ।

5. ତେଣୁ, ଆମେ ଏହି ଆବେଦନକୁ ଅନୁମତି ଦେଉଛୁ, ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ରଦ୍ଦ କରୁଛୁ ଏବଂ ଭଡ଼ା ନିୟନ୍ତ୍ରକଙ୍କ ଦ୍ୱାରା ପାରିତ ଆଦେଶ ଅନୁଯାୟୀ ଆବେଦନକାରୀଙ୍କ ଦଖଲକୁ ପୁନରୁଦ୍ଧାର କରିବା ନିମିତ୍ତ ଆଦେଶ କରୁଛୁ ।କହିବା ଅନାବଶ୍ୟକ ଯେ ଏପରି ପୁନରୁଦ୍ଧାର

ଉତ୍ତରଦାତା ସଂଖ୍ୟା 1 ଙ୍କ ଦ୍ୱାରା ଦାଖଲ ହୋଇଥିବା ଉଚ୍ଛେଦ ଆବେଦନର ଫଳାଫଳକୁ ଅନୁସରଣ କରିବ । ତେବେ, ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ରହିବ ନାହିଁ ।

ଆର୍.ପି. ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।